بسم الله الرحمٰن الرحيم

**ଖୁତବା ଜୁମା ୩୦ ଅକ୍ଟୋବର ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

***ଆଁହଜ୍ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବୀ ହଜ୍ରତ୍ ମୁଆଜ୍ ବିନ୍ ଜବଲ୍ ର.ଅ ଓ ହଜ୍ରତ ଅବଦୁଲ୍ଲାଃ ବିନ୍ ଉମ୍ରୋ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।***

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହ୍‌ମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ ଗତ ଖୁତ୍‌ବାରେ ହଜ଼ରତ ମୁଆଜ୍ ବିନ୍ ଜବଲ୍ ର.ଅଙ୍କ ଚର୍ଚ୍ଚା ଚାଲିଥିଲା । ହଜ଼ରତ ମୁଆଜ୍ ବିନ୍ ଜବଲ୍ ର.ଅ ଜଣେ ବଦାନ୍ୟ ବ୍ୟକ୍ତି ଥିଲେ । ଅଭାବି ଲୋକମାନଙ୍କୁ ମୁକ୍ତ ହସ୍ତରେ ଅର୍ଥ ବାଣ୍ଟିବା ଯୋଗୁଁ ତାଙ୍କୁ ଅନେକ ସମୟରେ ଋଣ ନେବାକୁ ପଡୁଥିଲା । ଆଁହଜ଼ରତ ସ.ଅ ତାଙ୍କର ସମସ୍ତ ସମ୍ପତ୍ତିକୁ କରଜଦାତାଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । କିନ୍ତୁ ତଥାପି ତାଙ୍କର ଋଣ ପରିଶୋଧ ହୋଇପାରିଲା ନାହିଁ । ତେବେ ଆଁହଜ଼ରତ ସ.ଅ ତାଙ୍କୁ ୟମନ୍ ଆଡ଼କୁ ପ୍ରେରଣ କଲେ ଏବଂ ତାଙ୍କୁ କହିଲେ କି ହେ ମୁଆଜ୍ ! ତୁମ ଉପରେ ବହୁତ ଋଣ ହୋଇ ଯାଇଛି । ଯଦି କେହି ତୁମକୁ ଉପହାର ଦିଅନ୍ତି ତାହାହେଲେ ତୁମେ ତାହାକୁ ଗ୍ରହଣ କରିନେବ । ମୁଁ ଏଥିପାଇଁ ତୁମକୁ ଅନୁମତି ପ୍ରଦାନ କରୁଛି, ତୁମେ ଉକ୍ତ ଉପହାରକୁ ନିଜ ଉପରେ ଖର୍ଚ୍ଚ କରିପାର । ଆଁହଜ଼ରତ ସ.ଅ ଆହୁରି କହିଲେ ହେ ମୁଆଜ୍ ! ବୋଧହୁଏ ଆସନ୍ତା ବର୍ଷ ମୋର ତୁମ ସହିତ ଭେଟ ହୋଇ ନପାରେ ଏବଂ ଏହା ମଧ୍ୟ ସମ୍ଭବ ଯେ, ତୁମେ ମୋର ମସଜିଦ୍ ଏବଂ ମୋର କବର ସମିପରୁ ଅତିକ୍ରମ କରିବ । ହଜ଼ରତ୍ ମୁଆଜ୍ ର.ଅ ଆଁହଜ଼ରତ ସ.ଅଙ୍କ ଠାରୁ ବିରହ ଓ ବିଚ୍ଛେଦର କଥା ଶୁଣି ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲେ । ଏହାପରେ ଆଁହଜ଼ରତ ସ.ଅ ନିଜର ଦିଗ ପରିବର୍ତ୍ତନ କଲେ ଏବଂ ମଦିନା ଆଡ଼କୁ ନିଜର ପବିତ୍ର ମୁଖ ମଣ୍ଡଳ କରି କହିଲେ ହେ ଲୋକମାନେ ! ମୋ ନିକଟରେ ଲୋକମାନଙ୍କ ମଧ୍ୟରୁ ସେହି ବ୍ୟକ୍ତି ଉତ୍ତମ ଯେଉଁମାନେ ଧର୍ମପରାୟଣ ଅଟନ୍ତି । ସେମାନେ କେହିବି ହୁଅନ୍ତୁ ପଛେ କିମ୍ବା ଯେଉଁଠି ଥାଆନ୍ତୁ ନା କାହିଁକି । ଗୋଟିଏ ବର୍ଣ୍ଣନାରେ ଉଲ୍ଲେଖ ରହିଛି ନବୀ କରୀମ୍ ସ.ଅ ହଜ଼ରତ ମୁଆଜ଼ ର.ଅଙ୍କୁ ଏହି ଅବସରରେ ଅନ୍ୟାୟୀ ଓ ଅତ୍ୟାଚାରିତମାନଙ୍କ ଆହାରୁ ବର୍ତ୍ତି ରହିବା ପାଇଁ ବିଶେଷ ଉପଦେଶ ଦେଇଥିଲେ । କାରଣ ଅତ୍ୟାଚାରିତ ଓ ପ୍ରତାଡ଼ିତ ବ୍ୟକ୍ତିଙ୍କର କୋହ ଓ ପରମେଶ୍ୱରଙ୍କ ମଧ୍ୟରେ କୌଣସି ପ୍ରତିବନ୍ଧକ ରହି ନାହିଁ ।

ହଜ଼ରତ ମୁଆଜ୍ ବିନ୍ ଜବଲ୍ ର.ଅଙ୍କୁ ରସୁଲୁଲ୍ଲାଃ ସ.ଅ ୟମନ୍ ଦେଶକୁ କ଼ାଜ଼ି (ବିଚାରକ) ରୂପେ ନିଯୁକ୍ତ କରି ପ୍ରେରଣ କରିଥିଲେ । ହଜ଼ରତ ମୁଆଜ୍ ର.ଅ ଲୋକମାନଙ୍କୁ ଇସ୍‌ଲାମ୍ ଧର୍ମର ନୀତିଶିକ୍ଷା ଓ କୁରଆନ ଶିକ୍ଷା ଦେଉଥିଲେ ଏବଂ ଲୋକମାନଙ୍କ ମଧ୍ୟରେ ନ୍ୟାୟ ବିଚାର କରୁଥଲେ । ୟମନ୍‌ର କର୍ମକର୍ତ୍ତା ବା କର୍ମଚାରୀମାନେ ଯାହାକିଛି ବି ଜ଼କାତ୍ ଏକତ୍ରିତ କରୁଥିଲେ ସେହି ସମସ୍ତ ଜ଼କାତ୍‌କୁ ସେମାନେ ହଜ଼ରତ ମୁଆଜ଼ ର.ଅଙ୍କ ନିକଟକୁ ପ୍ରେରଣ କରୁଥିଲେ । ହଜ଼ରତ ମୁଆଜ଼ ର.ଅ ୟମନ୍‌ରେ ବୈତୁଲ୍ ମାଲର ଅର୍ଥରେ ବ୍ୟବସାୟ ଆରମ୍ଭ କରିଥିଲେ ଏବଂ ଉକ୍ତ ବ୍ୟବସାୟରୁ ଯେଉଁ ଲାଭ ହେଉଥିଲା ତହିଁରୁ ନିଜର ଋଣ ପରିଶୋଧ କରିଥିଲେ । ହଜ଼ରତ ମୁଆଜ଼ ର.ଅ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯିଏକି ଅଲ୍ଲାଃତାଲାଙ୍କ (ବୈତୁଲ୍ ମାଲ)ର ଅର୍ଥରୁ ବ୍ୟବସାୟ ଆରମ୍ଭ କରିଥିଲେ । ହଜ଼ରତ ମୁଆଜ଼ ର.ଅ ୟମନ୍‌ରେ ଦୁଇ ବର୍ଷ କାଳ ଅବସ୍ଥାନ କରିଥିଲେ । ଏପର୍ଯ୍ୟନ୍ତକି ଆଁହଜ଼ରତ ସ.ଅଙ୍କର ଅକାଳ ବିୟୋଗ ଘଟିଥିଲା ।

ହଜ଼ରତ ମୁଆଜ଼ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଆଁହଜ଼ରତ ସ.ଅ ତାଙ୍କୁ ୟମନ୍ ଦେଶକୁ ପ୍ରେରଣ କଲେ ସେତେବେଳେ କହିଲେ ଯେ, ଯେତେବେଳେ ତୁମେ କୌଣସି ସମସ୍ୟାର ସମ୍ମୁଖୀନ ହୁଅ ତେବେ ତୁମେ କିପରି ନିଷ୍ପତ୍ତି ନେବ ? ପ୍ରତ୍ୟୁତ୍ତରରେ ହଜ଼ରତ ମୁଆଜ଼ ର.ଅ କହିଲେ ଯେ, ମୁଁ ଅଲ୍ଲାଃତାଲାଙ୍କ ପୁସ୍ତକାନୁଯାୟୀ ନିଷ୍ପତ୍ତି ନେବି । ଆଁହଜ଼ରତ ସ.ଅ କହିଲେ ଯଦି ତୁମକୁ ଅଲ୍ଲାଃତାଲାଙ୍କ ପୁସ୍ତକରେ କୌଣସି ସମସ୍ୟାର ସମାଧାନ ନମିଳେ ତେବେ କ'ଣ କରିବ ? ସେ କହିଲେ ମୁଁ ଅଲ୍ଲାଃତାଲାଙ୍କ ନବୀଙ୍କ ସୁନ୍ନତ୍ ଅନୁଯାୟୀ ନିଷ୍ପତ୍ତି ନେବି । ଆଁହଜ଼ରତ ସ.ଅ କହିଲେ ଯେ, ଯଦି ତୁମକୁ ମୋ ସୁନ୍ନତରେ ବି କୌଣସି ସମସ୍ୟାର ସମାଧାନ ନମିଳେ ତେବେ ତୁମେ କିପରି ନିଷ୍ପତ୍ତି ନେବ ? ହଜ଼ରତ ମୁଆଜ଼ ର.ଅ ଉତ୍ତର ଦେଲେ ଯେ, ତାହାହେଲେ ମୁଁ ଇଜତିହାଦ୍ (ସ୍ୱଉଦ୍ୟମାନୁଯାୟୀ ଓ ନିଜ ପ୍ରଚେଷ୍ଟା) ଅନୁଯାୟୀ ନିଷ୍ପତ୍ତି ନେବି ଏବଂ ମୁଁ ସେଥିରେ ଆଦୌ କୌଣସି ଅବହେଳା କରିବି ନାହିଁ । ହଜ଼ରତ ମୁଆଜ୍ ର.ଅ କହନ୍ତି ଯେ, ଏହାପରେ ଆଁହଜ଼ରତ ସ.ଅ ମୋ ଛାତି ଉପରେ ହାତ ମାରିଲେ ଏବଂ କହିଲେ ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ ଯିଏ ଅଲ୍ଲାଃତାଲାଙ୍କ ରସୁଲଙ୍କ ସନ୍ଦେଶବାହକଙ୍କୁ ଏପରି କଥା କହିବାକୁ ସାମର୍ଥ୍ୟ ପ୍ରଦାନ କରିଛନ୍ତି ଯିଏକି ଅଲ୍ଲାଃତାଲାଙ୍କ ରସୁଲଙ୍କ ପ୍ରସନ୍ନତାର କାରଣ ହେଲା ।

ରସୁଲୁଲ୍ଲାଃ ସ.ଅ ହଜ଼ରତ ମୁଆଜ଼ ର.ଅଙ୍କୁ ୟମନ୍‌ବାସୀଙ୍କ ନିକଟକୁ ପଦାଧିକାରୀ ରୂପେ ନିଯୁକ୍ତ କରି ପ୍ରେରଣ କରିଥିଲେ ଏବଂ କହିଲେ ଯେ, ନିଃସନ୍ଦେହ ମୁଁ ତୁମମାନଙ୍କ ଲାଗି ନିଜ ଲକୋମାନଙ୍କ ମଧ୍ୟରୁ ସର୍ବୋତ୍ତମ ଜ୍ଞାନୀଗୁଣି ଓ ଧର୍ମାଚାର୍ଯ୍ୟଙ୍କୁ ପଦାଧିକାରୀ ରୂପେ ନିଯୁକ୍ତ କରି ପ୍ରେରଣ କରିଅଛି । ହଜ଼ରତ ମୁଆଜ଼ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ମୋତେ ୧୦ଟି କଥା ପାଳନ କରିବାକୁ ଆଦେଶ ଦେଇ କହିଲେ;- **ତୁମେ ଅଲ୍ଲାଃତାଲାଙ୍କ ସହିତ ଅନ୍ୟ କାହାରିକୁ ସମକକ୍ଷ କରିବ ନାହିଁ । ତୁମେ ଏଥିପାଇଁ ନିହତ ହୁଅ ପଛେ କିମ୍ବା ତୁମକୁ ଜାଳି ଦିଆଯାଉ ନାକାହିଁକି । ନିଜ ଅଭିଭାବକମାନଙ୍କର କେବେବି ଅବଜ୍ଞା କରିବ ନାହିଁ । ଯଦିଓ ସେମାନେ ତୁମକୁ ତୁମର ସମ୍ପତ୍ତିରୁ ଓ ଘରବାଡ଼ିରୁ ବିତାଡ଼ିତ କରିଦିଅନ୍ତୁ ପଛେ । ଫର୍ଜ଼ ନମାଜ଼କୁ ଜାଣିଶୁଣି ଛାଡ଼ିବ ନାହିଁ । କାରଣ ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କର ଫର୍ଜ଼ ନମାଜ଼କୁ ଜାଣିଶୁଣି ତ୍ୟାଗ କରିଥାଏ ସେହି ବ୍ୟକ୍ତି ଅଲ୍ଲାଃତାଲାଙ୍କର ସୁରକ୍ଷା ବଳୟରୁ ବାହାରକୁ ବାହାରି ଯାଇଥାଏ । ମଦ୍ୟପାନ କରିବ ନାହିଁ । କାରଣ ମଦ୍ୟପାନ ସମସ୍ତ ନିର୍ଲଜତାର ମୂଳ ଅଟେ । ପାପ ଓ ଅବଜ୍ଞାରୁ ସର୍ବଦା ନିଜକୁ ଦୂରେଇ ରଖିବ ।**

**କାରଣ ପାପ ଦ୍ୱାରା ଅଲ୍ଲାଃତାଲାଙ୍କର ଅପ୍ରସନ୍ନତା ଅବତୀର୍ଣ୍ଣ ହୋଇଥାଏ । ଶତ୍ରୁମାନଙ୍କ ସହିତ ମୁହାଁମୁହିଁ ବେଳେ ପଳାୟନ କରିବ ନାହିଁ । ଯଦି ଲୋକମାନେ ପ୍ଲେଗ୍ ଭଳି ମହାମାରୀ ରୋଗରେ ଆକ୍ରାନ୍ତ ହୋଇ ଯାଆନ୍ତି ଓ ତୁମେ ସେମାନଙ୍କ ମଧ୍ୟରେ ବିରାଜମାନ ଥାଅ ତାହାହେଲେ ତୁମେ ସେହି ସ୍ଥାନରୁ ପଳାୟନ କରିବ ନାହିଁ । ନିଜର ପରିବାର ଉପରେ ନିଜର ସାମର୍ଥ୍ୟାନୁଯାୟୀ ହିଁ ବ୍ୟୟ କରିବ । ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିବ ଏବଂ ସେମାନଙ୍କୁ ଆକଟ ତଥା ସଂସ୍କାରୀ ରୂପେ ଗଢି ତୋଳିବା ପାଇଁ ଅବହେଳା ପ୍ରଦର୍ଶନ କରିବନାହିଁ । ସେମାନଙ୍କୁ ସର୍ବଦା ଅଲ୍ଲାଃତାଲାଙ୍କୁ ଭୟ କରିବା ପ୍ରତି ସଚେତନ କରୁଥିବ ।**

ହଜ଼ରତ ମୁଆଜ଼ ର.ଅ ବର୍ଣ୍ଣନା କରନ୍ତି ନବୀ କରୀମ୍ ସ.ଅ ତାଙ୍କୁ କହିଲେ ହେ ମୁଆଜ଼ ! ମୁଁ ତୁମକୁ ଦୟାଳୁ ଭାଇ ପରି ଉପଦେଶ ଦେଉଛି । **କାରଣ ତୁମେ ଯେପରି ଅଲ୍ଲାଃତାଲାଙ୍କର ଧର୍ମପରାୟଣତାକୁ ଅବଲମ୍ବନ କର । ରୋଗୀମାନଙ୍କ ପରିଦର୍ଶନ କରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ପଚାରି ବୁଝିବ । ବିଧବା ଓ ଅଭାବି ଲୋକମାନଙ୍କର ଆବଶ୍ୟକତା ପୂରଣ କରିବ । ଦରିଦ୍ରମାନଙ୍କ ସହିତ ଉଠାବସା ଏବଂ ଲୋକମାନଙ୍କୁ ନିଜ ପକ୍ଷରୁ ନ୍ୟାୟ ପ୍ରଦାନ କରିବା ପ୍ରତି ତଥା ସେମାନଙ୍କ ଅଧିକାର ଲାଗି ସ୍ୱର ଉତ୍ତୋଳନ କରିବ, ଅଲ୍ଲାଃତାଲାଙ୍କ ପ୍ରସଙ୍ଗରେ କୌଣସି ନିନ୍ଦୁକ ବ୍ୟକ୍ତିର ନିନ୍ଦା ଓ ଅପବାଦ ତୁମ ନିକଟରେ ପ୍ରତିବନ୍ଧକ ଯେପରି ନହେଉ ।** ମୁଁ ତୁମକୁ ଏହିସବୁ କଥାର ଉପଦେଶ ଦେଉଅଛି । ହଜ଼ରତ ମୁଆଜ଼ ର.ଅ ୯ ହିଜରୀରୁ ୧୧ ହିଜରୀ ପର୍ଯ୍ୟନ୍ତ ୟମନ୍‌ରେ ରହିଥିଲେ ।

ହଜ଼ରତ ଉମର ର.ଅ କହିଲେ ଯେ, ଯଦି ମୋର ଅନ୍ତିମ ସମୟ ଆସି  ପହଞ୍ଚେ ଏବଂ ଅବୁ ଉବୈଦାହ୍ ବିନ୍ ଜରରାହ୍ ର.ଅଙ୍କ ବିୟୋଗ ଘଟି ସାରିଥାଏ ତେବେ ମୁଁ ହଜ଼ରତ ମୁଆଜ଼୍ ବିନ୍ ଜବଲ୍ ର.ଅଙ୍କୁ ଖଲିଫା ରୂପେ ନିଯୁକ୍ତ କରିବି ଏବଂ ଯଦି ମୋର ପାଳନକର୍ତ୍ତା ମୋତେ ପଚାରନ୍ତି ଯେ, ତୁମେ ତାଙ୍କୁ କାହିଁକି ଖଲିଫା ନିଯୁକ୍ତ କଲ । ତାହାହେଲେ ମୁଁ କହିବି ଯେ, ମୁଁ ତୁମ୍ଭର ରସୁଲ ସ.ଅଙ୍କୁ ଏହା କହୁଥିବାର ଶୁଣିଥିଲି ଯେ, ସେ ପ୍ରଳୟ ଦିବସ ଦିନ ଆଗରେ ଆସି ଛିଡ଼ା ହେବେ । ଅବୁ ଇଦ୍‌ରିସ୍ ଖୌଲାନୀ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ମୁଆଜ଼ ର.ଅ କହିଲେ ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ ଏହା କହୁଥିବାର ଶୁଣିଛି ଯେ, ଅଶେଷ ଦୟାବାନ ଓ ସଦା କରୁଣାମୟ ଈଶ୍ୱର ମୋତେ ଏହା କହିଛନ୍ତି ଯେ, ମୋ ସକାଶେ ପରସ୍ପରକୁ ପ୍ରେମ କରୁଥିବା ବ୍ୟକ୍ତିମାନେ, ମୋ ସକାଶେ ପରସ୍ପର ସଙ୍ଗତି ମଧ୍ୟରେ ବସୁଥିବା ବ୍ୟକ୍ତିମାନେ, ମୋ ସକାଶେ ପରସ୍ପରକୁ ସାକ୍ଷାତ କରୁଥିବା ବ୍ୟକ୍ତିମାନେ ଓ ମୋ ସକାଶେ ପରସ୍ପର ଉପରେ ବ୍ୟୟ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ମୋର ସେମାନଙ୍କୁ ଭଲ ପାଇବା ଅନିର୍ବାର୍ଯ୍ୟ ହୋଇଯାଇଅଛି ।

ହୁଜୁର ଅନୱର୍ ଅ.ବ କହିଲେ: ଯେତେବେଳେ ହଜ଼ରତ ଅବୁ ଉବୈଦାହ୍ ର.ଅଙ୍କ ପ୍ଲେଗ୍ ରୋଗ ଦ୍ୱାରା ମୃତ୍ୟୁ ଘଟିଲା ସେତେବେଳେ ହଜ଼ରତ ଉମର୍ ର.ଅ ହଜ଼ରତ ମୁଆଜ଼୍ ର.ଅଙ୍କୁ ସିରିୟାର କର୍ମକର୍ତ୍ତା ରୂପେ ନିଯୁକ୍ତ କରିଥିଲେ । ହଜ଼ରତ ମୁଆଜ଼ ର.ଅଙ୍କର ମୃତ୍ୟୁ ମଧ୍ୟ ପ୍ଲେଗ୍ ରୋଗ ଦ୍ୱାରା ହୋଇଥିଲା । କସିର୍ ବିନ୍ ମୁର୍‌ରାହ୍ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ମୁଆଜ଼ ର.ଅ ନିଜର ରୋଗାକ୍ରାନ୍ତ ଅବସ୍ଥାରେ ଆମମାନଙ୍କୁ କହିଲେ ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ଗୋଟିଏ କଥା ଶୁଣିଥିଲି ଯାହାକୁ ମୁଁ ତୁମମମାନଙ୍କ ଠାରୁ ଗୁପ୍ତ ରଖିଥିଲି । ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ ଏହା କହୁଥିବାର ଶୁଣିଥିଲି ଯେ, ଆଁହଜ଼ରତ ସ.ଅ କହିଲେ ଯେ, ଯେଉଁ ବ୍ୟକ୍ତିର ଶେଷ ବାକ୍ୟ لا إله إلا الله ହୋଇଥିବ ତା ପାଇଁ ସ୍ୱର୍ଗ ପ୍ରାପ୍ତି ସୁନିଶ୍ଚିତ ଅଟେ ।

ଯେତେବେଳେ ହଜ଼ରତ ମୁଆଜ଼୍ ବିନ୍ ଜବଲ୍ ର.ଅଙ୍କ ମୃତ୍ୟୁ ସମୟ ପାଖେଇ ଆସିଲା ସେତେବେଳେ ସେ କହିଲେ ଯେ, ହେ ଅଲ୍ଲାଃ ! ତୁମ୍ଭେ ଜାଣ ଯେ, ମୁଁ ତୁମ୍ଭକୁ ଭୟ କରେ, କିନ୍ତୁ ଆଜି ମୁଁ ଆଶାବାଦୀ ଯେ, ମୁଁ ସଂସାର ଓ ଦୀର୍ଘ ଜୀବନକୁ ଏଇଥି ପାଇଁ ଭଲ ପାଉ ନାହିଁ ଯେ, ମୁଁ ଏହି ସଂସାରରେ ଏକ କ୍ଷୁଦ୍ର ନଦୀ ଖୋଳିବି କିମ୍ବା ଏହି ଧରାପୃଷ୍ଠରେ ବୃକ୍ଷ ରୋପଣ କରିବି ତାହା ନୁହେଁ ବରଂ ମୁଁ ଏହି ସଂସାରରେ କ୍ଷୁଦ୍ର ନଦୀ ଏଇଥିପାଇଁ ଖୋଳିବାକୁ ଚାହୁଁଛି ଯେ, ମୁଁ ଦ୍ୱିପ୍ରହରର ତୃଷ୍ଣା ଏବଂ ପ୍ରତିକୂଳ ପରିସ୍ଥିତିର ସମସ୍ୟାକୁ ସହ୍ୟ କରିବି ଏବଂ ସେହି ବିଦ୍ୱାନମାନଙ୍କ ଗହଣରେ ବସିବି ଯେଉଁଠି ତୁମ୍ଭର ଚର୍ଚ୍ଚା ହେବ । ଏହିପରି ଭାବରେ ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଯେତେବେଳେ ହଜ଼ରତ ମୁଆଜ଼ ର.ଅଙ୍କ ମୃତ୍ୟୁ ସମୟ ପାଖେଇ ଆସିଲା ସେତେବେଳେ ସେ କାନ୍ଦିବାକୁ ଲାଗିଲେ । ତାଙ୍କୁ ପଚରାଗଲା ଯେ, ଆପଣ କାହିଁକି କାନ୍ଦୁଛନ୍ତି ? ଆପଣ ତ' ଆଁହଜ଼ରତ ସ.ଅଙ୍କର ସାଥି ଅଟନ୍ତି । ପ୍ରତ୍ୟୁତ୍ତରରେ ସେ କହିଲେ ମୁଁ ମୃତ୍ୟୁର ବିଷାଦ ଠାରୁ କାନ୍ଦୁ ନାହିଁ ଓ ନାହିଁ ଏଇଥି ପାଇଁ କାନ୍ଦୁଛି ଯେ, ମୁଁ ନିଜ ପଛରେ ସଂସାରକୁ ଛାଡ଼ି ଯାଉଛି । ବରଂ ମୁଁ ତ' ଏଇଥି ପାଇଁ କାନ୍ଦୁଛି ଯେ, ପରକାଳରେ ଦୁଇଟି ଗୋଷ୍ଠୀ ହେବ ଏବଂ ମୁଁ ଜାଣି ନାହିଁ ଯେ, ମୁଁ କେଉଁ ଗୋଷ୍ଠୀରେ ଥିବି ! ସେହି ଦୁଇ ଗୋଷ୍ଠୀ ମଧ୍ୟରୁ ପ୍ରଥମଟି ହେଉଛି ସ୍ୱର୍ଗଗାମୀମାନଙ୍କର ଗୋଷ୍ଠୀ ଏବଂ ଦ୍ୱିତୀୟଟି ହେଉଛି ନର୍କଗାମୀମାନଙ୍କର ଗୋଷ୍ଠୀ । ମୁଁ କେବଳ ଅଲ୍ଲାଃତାଲାଙ୍କୁ ଭୟ କରୁଛି, ଏଇଥି ପାଇଁ ମୁଁ କାନ୍ଦୁଛି । ହଜ଼ରତ ମୁଆଜ଼ ବିନ୍ ଜବଲ୍ ର.ଅ ୧୮ ହିଜରୀରେ ମୃତ୍ୟୁବରଣ କରିଥିଲେ । ତଦନୁଯାୟୀ ତାଙ୍କ ମୃତ୍ୟୁ ୩୮ ବର୍ଷ ବୟସ ବୋଲି ବର୍ଣ୍ଣିତ ହୋଇଛି ।

ହୁଜୁର ଅନୱର ଅ.ବ କହିଲେ: ପରବର୍ତ୍ତୀ ସାହାବି ଯାହାଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ଅବଦୁଲ୍ଲାଃ ବିନ୍ ଉମ୍ରୋ ର.ଅ । ହଜ଼ରତ ଅବଦୁଲ୍ଲାଃ ବିନ୍ ଉମ୍ରୋ ର.ଅଙ୍କ ସଂପର୍କ ଅନ୍‌ସାର୍ ସଂପ୍ରଦାୟର ଖଜ଼ରଜ୍ ଶାଖାର ବନୁ ସଲ୍‌ମା ସହିତ ଥିଲା । ତାଙ୍କ ପିତାଙ୍କ ନାମ ଉମ୍ରୋ ବିନ୍ ହରାମ୍ ଥିଲା ଓ ମାତାଙ୍କ ନାମ ରବାବ୍ ବିନତ୍ କୈସ୍ ଥିଲା । ହଜ଼ରତ ଅବଦୁଲ୍ଲାଃ ବିନ୍ ଉମ୍ରୋ ଜଣେ ବିଖ୍ୟାତ ସାହାବି ହଜ଼ରତ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ର.ଅଙ୍କ ପିତା ଥିଲେ । ହଜ଼ରତ ଅବ୍‌ଦୁଲ୍ଲାଃ ବିନ୍ ଉମ୍ରୋ ବୈଅତେ ଅକ୍ବା ସାନିୟାରେ ସାମିଲ୍ ହୋଇଥିଲେ ଏବଂ ରସୁଲୁଲ୍ଲାଃ ସ.ଅଙ୍କ ଦ୍ୱାରା ନିଯୁକ୍ତ ୧୨ ଜଣ ସମ୍ବାଦଦାତାଙ୍କ ମଧ୍ୟରୁ ଜଣେ ଥିଲେ । ସେ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ ଏବଂ ଓ୍ୱହୋଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥଲେ । କେତେକଙ୍କ ନିକଟରେ ହଜ଼ରତ ଅବଦୁଲ୍ଲାଃ ବିନ୍ ଉମ୍ରୋ ଓ୍ୱହୋଦ୍ ଯୁଦ୍ଧରେ ମୁସଲମାନମାନଙ୍କ ଦଳରୁ ସର୍ବ ପ୍ରଥମେ ବୀରଗତି ପ୍ରାପ୍ତ କରିଥିଲେ ।

ଓ୍ୱହୋଦ୍ ଯୁଦ୍ଧ ଅବସରରେ ଯେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍ ଯିଏକି ମଦିନାର କପଟବିଶ୍ୱାସୀଙ୍କର ଅଧିପତି ଥିଲା, ଯେତେବେଳେ ସେ ବିଶ୍ୱାସଘାତ କଲା ସେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ଉମ୍ରୋ ର.ଅ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କଲେ । ହଜ଼ରତ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ମୋ ପିତାଶ୍ରୀ ହଜ଼ରତ ଅବ୍‌ଦୁଲ୍ଲାଃ ବିନ୍ ଉମ୍ରୋ ଓ ମାମୁ ଓ୍ୱହୋଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କଲେ ସେତେବେଳେ ମୋର ମାତା ଓ ପିଉସୀ ଯିଏ ହଜ଼ରତ ଉମ୍ରୋ ର.ଅଙ୍କର ପତ୍ନି ଥିଲେ ସେହି ଦୁହିଁଙ୍କୁ ଓଟ ଉପରେ ଲଦି ମଦିନାକୁ ଆଣୁଥିଲେ କି ଆଁହଜ଼ରତ ସ.ଅଙ୍କ ଘୋଷକ ଘୋଷଣା କଲା ଯେ, ନିଜର ଶହୀଦ୍

ହୋଇଥିବା ମୃତକଙ୍କୁ ସେମାନଙ୍କର ଲଢୁଥିବାର ଯୁଦ୍ଧ ଭୂମିରେ ହିଁ କବର ଦିଅ । ଯଦ୍ୱାରା ସେହି ଦୁହିଁଙ୍କୁ ଫେରାଇ ନିଆଗଲା ଏବଂ ସେମାନଙ୍କର ଲଢିଥିବା ଯୁଦ୍ଧଭୂମିରେ ହିଁ ସେମାନଙ୍କୁ କବର ଦିଆଯାଇଥିଲା।

ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଯେତେବେଳେ ହଜ଼ରତ ଅବଦୁଲ୍ଲାଃ ବିନ୍ ଉମ୍ରୋ ଓ୍ୱହୋଦ୍ ଯୁଦ୍ଧ ପାଇଁ ବାହାରିବାକୁ ଇଚ୍ଛା ପ୍ରକାଶ କଲେ ସେତେବେଳେ ନିଜର ପୁତ୍ର ଜାବିର୍‌ଙ୍କୁ ଡ଼ାକିଲେ ଏବଂ ତାଙ୍କୁ କହିଲେ ହେ ମୋର ପୁତ୍ର ! ମୁଁ ଏହା ଦେଖୁଅଛି ଯେ, ମୁଁ ସର୍ବପ୍ରଥମ ବୀରଗତି ପ୍ରାପ୍ତକାରୀଙ୍କ ମଧ୍ୟରୁ ଜଣେ ହେବି ଏବଂ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୁଁ ନିଜ ପଛରେ ଆଁହଜ଼ରତ ସ.ଅଙ୍କ ପରି ବ୍ୟକ୍ତିତ୍ୱଙ୍କ ବ୍ୟତୀତ ଅନ୍ୟ କାହାରିକୁ ଛାଡ଼ି ଯାଉନାହିଁ । ଯିଏକି ମୋର ଅତି ପ୍ରିୟ ହୋଇଥିବ । ମୋର କିଛି ଋଣ ରହିଛି ତେଣୁ ତୁମେ ମୋ ପଟୁ ତାହାକୁ ପରିଶୋଧ କରିଦେବ ଏବଂ ମୁଁ ତୁମକୁ ତୁମ ଭଉଣୀମାନଙ୍କ ସହିତ ସଦ୍‌ବ୍ୟବହାର ପ୍ରଦର୍ଶନ କରିବାକୁ ଓ୍ୱସିୟତ୍ କରୁଛି । ହଜ଼ରତ ଜାବିର୍ ବର୍ଣ୍ଣନା କରନ୍ତି ଯେ, ଆସନ୍ତା ସକାଳ ମୋର ପିତା ସର୍ବପ୍ରଥମେ ବୀରଗତି ପ୍ରାପ୍ତ କରିଥିଲେ ଏବଂ ଶତ୍ରୁମାନେ ତାଙ୍କର ନାସା ଓ କର୍ଣ୍ଣ ଦ୍ୱୟକୁ ଛେଦନ କରିଥିଲେ । ହଜ଼ରତ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ କହନ୍ତି ଯେ, ଆଁହଜ଼ରତ ସ.ଅ ଯେତେବେଳେ ଓ୍ୱହୋଦ୍‌ର ଶୁହଦାଙ୍କୁ କବର ଦେବା ଲାଗି ଆସିଲେ ସେତେବେଳେ ଆଁହଜ଼ରତ ସ.ଅ କହିଲେ ଯେ, ଏହି ବୀରଗତି ପ୍ରାପ୍ତକାରୀଙ୍କୁ ସେମାନଙ୍କର ଆହତାବସ୍ଥା ବସ୍ତ୍ର ସହିତ କଫନ୍ ଦେଇଦିଅ । କାରଣ ମୁଁ ସେମାନଙ୍କ ଆଗରେ ସାକ୍ଷ୍ୟ ସ୍ୱରୂପ ବିଦ୍ୟମାନ ଅଛି ଏବଂ ଏପରି କୌଣସି ମୁସଲମାନ ନାହିଁ ଯିଏକି ଅଲ୍ଲାଃତାଲାଙ୍କ ମାର୍ଗରେ ଆହତ ହେବ ନାହଁ । କିନ୍ତୁ ସେହି ଆହତମାନେ ପ୍ରଳୟ ଦିବସ ଦିନ ଏହି ରୂପରେ ସମ୍ମୁଖକୁ ଆସିବେ ଯେ, ସେମାନଙ୍କର ରକ୍ତ କ୍ଷରିତ ହେଉଥିବ ଏବଂ ସେହି ରକ୍ତର ରଙ୍ଗ କେଶର ପରି ହୋଇଥିବ ଏବଂ ତହାର ସୁଗନ୍ଧ କସ୍ତୁରିର ସୁଗନ୍ଧ ପରି ହୋଇଥିବ । ହଜ଼ରତ ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ରସୁଲୁଲ୍ଲାଃ ସ.ଅ ଓ୍ୱହୋଦ୍‌ର ସହୀଦମାନଙ୍କୁ କବର ଦେବା ପାଇଁ ଆସିଲେ ସେତେବେଳେ ଆଁହଜ଼ରତ ସ.ଅ କହିଲେ ଅବ୍‌ଦୁଲ୍ଲାଃବ ବିନ୍ ଉମ୍ରୋ ଓ ଉମ୍ରୋ ବିନ୍ ଜୁମୁହ୍ ର.ଅଙ୍କୁ ଗୋଟିଏ କବରରେ ହିଁ କବର ଦିଅ । କାରଣ ଏମାନଙ୍କ ମଧ୍ୟରେ ପାରସ୍ପାରିକ ସ୍ନେହାବେଶ ଓ ଘନିଷ୍ଠତା ଅଧିକ ରହିଥିଲା । ସେହିପରି ଆଁହଜ଼ରତ ସଅ କହିଲେ ଯେ, ଏମାନେ ଏହି ସଂସାରରେ ପରସ୍ପର ପ୍ରତି ଆନ୍ତରିକତା ଏବଂ ଅନୁରାଗ ପ୍ରଦର୍ଶନ କରୁଥିଲେ । ତେଣୁ ଏମାନଙ୍କୁ ଗୋଟିଏ କବରରେ ହିଁ କବର ଦିଅ। ହୁଜ଼ୁର ଅନଓ୍ୱର ଅ.ବ କହିଲେ ହଜ଼ରତ ଅବଦୁଲ୍ଲାଃ ବିନ୍ ଉମ୍ରୋଙ୍କ ଜୀବନୀ ସଂପର୍କିତ ଅବଶିଷ୍ଟାଂଶ ଇନଶାଅଲ୍ଲାଃ ଆଗାମୀ ଖୁତ୍‌ବାରେ ଆଲୋଚନା କରିବି ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ ନସ୍‌ତଇନୁହୁ ଓ୍ୱନସ୍‌ତଗ୍‌ଫିରୁହୁ ଓ୍ୱନୁମିନୁ ବିହି ଓ୍ୱନତଓ୍ୱକ୍‌କଲୁ ଅଲୈ ଓ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ଓ୍ୱମିନ୍ ସଇଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜ଼ିଲ୍ଲା ଲହୁ ଓ୍ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓ୍ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜ଼ିଲ୍ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜକ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ଓ୍ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓ୍ୱଲଜ଼ିକ୍‌ରୁଲ୍ଲାହି ଅକ୍‌ବର୍ ।**

.........................

KHULASA KHUTBA JUMA HUZOOR ANWAR a.b.a

30th Oct . 2020